# ସାପୁଆ ସ୍ୱଜଳ ଅଭିଯାନରେ ସାପୁଆ ବନ୍ଦନା



ସାପୁଆ କୂଳରେ ସାପୁଆ ସ୍ୱଜଳ ଅଭିଯାନରେ ସାପୁଆ ବନ୍ଦନା କରାଯାଉଛି।

**ଢେଙ୍କାନାଳ,୨।୧୨(ରତନ ନାୟାର)**

ମହାନଦୀର ଉପନଦୀ 'ସାପୁଆ' ପୁନର୍ଜୀବନ ଲକ୍ଷ୍ୟରେ ଆରମ୍ଭ ହୋଇଥିବା 'ସାପୁଆ ସ୍ୱଜଳ ଅଭିଯାନ' ଆନୁକୂଲ୍ୟରେ ସାପୁଆ ବନ୍ଦନା ଉତ୍ସବ କାକୁଡ଼ିଭାଗସ୍ଥିତ ସ୍ୱପ୍ନେଶ୍ୱର ମନ୍ଦିର ସମ୍ମୁଖ ସାପୁଆ କୂଳରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପୂଜକ ବୀରବର ମିଶ୍ରଙ୍କ ପୌରୋହିତ୍ୟରେ ଗୁହାଳଡିହ ହରିବୋଲ ମଠର ମହନ୍ତ ଭଗବାନ ଦାସ, ହରିଡ଼ାପଶି ଜଗନ୍ନାଥ ମଠ ମହନ୍ତ କରୁଣାକର ଦାସ, କାକୁଡ଼ିଭାଗର ବାବାଜୀ ଚୈତନ୍ୟ ଦାସ, ବାବାଜୀ ଧ୍ରୁବ ଚରଣ ସାମଲ ନଦୀ ବନ୍ଦନା କରିଥିଲେ। ଏହି ଉପଲକ୍ଷେ ନୀଳମଣି ମହାରଣାଙ୍କ ସଭାପତିତ୍ୱରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସାମାଜିକ କର୍ମୀ ବାବୁଚାନ୍ଦ ମହାଳିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାପୁଆର ପୁନର୍ଜୀବନ ଲକ୍ଷ୍ୟରେ ଏହି ପ୍ରୟାସକୁ ପ୍ରଶଂସା କରିଥିଲେ। ପରିବେଶବିତ୍ ବିଜୟ କୁମାର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏକ ଜୀବନ୍ତ ନଦୀର ଅଧିକାର, ଜଳଉତ୍ସର ଗୁରୁତ୍ୱ, ପରିବେଶ ପାଇଁ ନଦୀନାଳ ଗୁଡ଼ିକର ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ଛଦେଶ ସାହିତ୍ୟ ସଂସଦ ଉପଦେଷ୍ଟା ଗତିକୃଷ୍ଣ ବିଶ୍ୱାଳ ସାପୁଆ ନଦୀ ଉତ୍ପତ୍ତିର ପୌରାଣିକ ତଥ୍ୟ, ସଙ୍ଗଠନ ସମ୍ପାଦକ ଜୟକୃଷ୍ଣ ମହାପାତ୍ର ସାପୁଆ ନଦୀର ସାମାଜିକ, ଅର୍ଥନୈତିକ ପ୍ରଭାବ, ସାମାଜିକ ସମ୍ପାଦକ ଧନଞ୍ଜୟ ଧଳ କୃଷି ନିମନ୍ତେ ସାପୁଆ ନଦୀର ପ୍ରଭାବ, ପ୍ରାଣବନ୍ଧୁ ନାୟକ ସାପୁଆର ସାଂସ୍କୃତିକ ପ୍ରଭାବ ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ଗୁହାଳଡିହ ଗ୍ରାମ ସଭାପତି ଅଭିମନ୍ୟୁ ରାଉତ, ଗୋବିନ୍ଦପ୍ରସାଦ ସାମାଜିକ କର୍ମୀ ବିଶ୍ୱନାଥ ସାମଲ, ଭାପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ପଣ୍ଡା, ଜଳସମ୍ପଦ ବିଭାଗ ଅବସରପ୍ରାପ୍ତ ଯନ୍ତ୍ରୀ ଫକୀର ମୋହନ ସାହୁ, ସାହିତ୍ୟିକ

### ଜନ ଆନ୍ଦୋଳନରେ ପରିଣତ କରିବା ପାଇଁ ନିଷ୍ପତ୍ତି

ନିର୍ମଳ ନନ୍ଦ, ସ୍ୱେଚ୍ଛାସେବୀ ଜଗବନ୍ଧୁ ସାହୁ, ନିହାର ରଞ୍ଜନ ତ୍ରିପାଠୀ, ପ୍ରଫୁଲ୍ଲ କୁମାର ବେହେରା, ସ୍ୱଦେଶ ରଞ୍ଜନ ଧଳ, ପ୍ରମୋଦ କୁମାର ଦାଶ, ନଦିଆ ବିହାରୀ ସାହୁ ପ୍ରମୁଖ ସାପୁଆ ନଦୀର ବିଭିନ୍ନ ସମସ୍ୟା, ସମ୍ଭାବ୍ୟ ସମାଧାନ ଆଦି ସମ୍ପର୍କରେ ଆଲୋକପାତ କରିଥିଲେ। 'ସାପୁଆ ସ୍ୱଜଳ ଅଭିଯାନ'ର ଆବାହକ ତଥା 'ବିଶ୍ୱ ଓଡ଼ିଶା' ସମ୍ପାଦକ ମନୋଜ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିବା ସହିତ ଅଭିଯାନର ରୂପରେଖ, ପରବର୍ତ୍ତୀ ପଦକ୍ଷେପ, ସାପୁଆ ନଦୀର ଭୌଗୋଳିକ ତଥ୍ୟ ଉପସ୍ଥାପନ କରିଥିଲେ। ଆଗାମୀ ସମୟରେ ପଞ୍ଚାୟତସ୍ତରର ଲୋକପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବିଧାୟକ, ଏମ୍‌ପି, ଜିଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ସ୍ମାରକପତ୍ର ପ୍ରଦାନ କରାଯିବ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହାକୁ ଏକ ଜନ ଆନ୍ଦୋଳନର ପରିଣତ କରିବା ପାଇଁ ମତ ପ୍ରକାଶ ପାଇଥିଲ। ସାମାଜିକ କର୍ମୀ ସୂର୍ଯ୍ୟ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

# ମଣ୍ଡିରେ ତଦାରଖ କରିବେ କୃଷକ ମୋର୍ଚ୍ଚା କାର୍ଯ୍ୟକର୍ତ୍ତା



ଭାଜପା କୃଷକ ମୋର୍ଚ୍ଚାର ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

**ଢେଙ୍କାନାଳ,୨।୧୨(ରତନ ନାୟାର)**

ଢେଙ୍କାନାଳ ଜିଲାରେ ଖରିଫ୍ ଧାନ ସଂଗ୍ରହ ଜାନୁଆରୀ ୮ ତାରିଖ ଠାରୁ ଆରମ୍ଭ ହେବାକୁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଛି। ଧାନମଣ୍ଡି ଓ ଧାନ କିଣାରେ ବ୍ୟାପକ ସ୍ୱଚ୍ଛତା ରକ୍ଷା ପାଇଁ ସୋମବାର ଭାଜପା କୃଷକ ମୋର୍ଚ୍ଚା ତରଫରୁ ଜିଲା ଭାଜପା କାର୍ଯ୍ୟାଳୟ ଠାରେ ଜିଲା ସଭାପତି ସହଦେବ ପୃଷ୍ଟିଙ୍କ ସଭାପତିତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାରେ ୯୨ଟି ଧାନମଣ୍ଡି ଦ୍ୱାରା ଧାନ କିଣାରେ ସ୍ୱଚ୍ଛତା ରକ୍ଷା

### ଧାନକିଣାରେ ସ୍ୱଚ୍ଛତା ପାଇଁ ଭାଜପା କୃଷକ ମୋର୍ଚ୍ଚାର ବୈଠକ

ସହିତ କଟ୍‌ନୀ ଛଟ୍‌ନୀ ବନ୍ଦ କରିବା ଓ ମିଲରମାନଙ୍କ ମନମାନିକୁ ଦୃଢ଼ତାର ସହିତ ବନ୍ଦ କରାଯିବ ବୋଲି କହିଥିଲେ। ସମସ୍ତ ଧାନମଣ୍ଡିରେ କୃଷକ ମୋର୍ଚ୍ଚା କାର୍ଯ୍ୟକର୍ତ୍ତା ଜଗିବା ସହିତ ତଦାରଖ କରିବେ ବୋଲି ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ପୁଲିନ୍ ପ୍ରକାଶ ପୁହାଣ, ରାଜ୍ୟ ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ, ରାଜ୍ୟ ସଂଯୋଜକ ସନ୍ତୋଷ କୁମାର ବିଶ୍ୱାଳ, ବରିଷ୍ଠ ଭାଜପା ନେତା ପ୍ରେମାନନ୍ଦ ଜେନା, କୈଳାଶ ଚନ୍ଦ୍ର ରାଉତ, ଜିଲା ସାଧାରଣ ସମ୍ପାଦକ ପ୍ରଦୀପ କୁମାର ସାହୁ ଓ ଗୌତମ କୁମାର ନାୟକ, ଜିଲା ଉପସଭାପତି ରବୀନ୍ଦ୍ର କୁମାର ବେହେରା, ବଳଦେବ ବେହେରା, ଦେବାଶିଷ ପଣ୍ଡା, ଭାବଗ୍ରାହୀ ନାୟକ, ଗୋଲକ ବିହାରୀ ଜେନା, ଗୌତମ ନାୟକ, ପ୍ରସାଦ ସେଠୀ, ଶିଶିର କୁମାର ସାହୁ, ବଳରାମ ସାହୁ, ସଞ୍ଜୟ କୁମାର ଦାସ, ପବିତ୍ର କୁମାର ବରାଳ, ଉଦ୍ଧବ ପ୍ରଧାନ, ପ୍ରକାଶ ଛତା, ବଳଦେବ ମହାନ୍ତ, ଦିବାକର ସେନାପତି, ଯଶୋବନ୍ତ ବେହେରାଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦଙ୍କ ସମେତ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ।

# ୫୦ ଟଙ୍କା ଛୁଇଁଲାଣି ଆଳୁ କେଜି



**ଢେଙ୍କାନାଳ,୨।୧୨(ରତନ ନାୟାର)**

ଢେଙ୍କାନାଳ ସହରରେ ସୋମବାର ଆଳୁ କେଜି ୫୦ ଟଙ୍କାରେ ବିକ୍ରି ହୋଇଥିଲା। ଏହାକୁ ନେଇ ଗ୍ରାହକମାନେ ଚିନ୍ତାରେ ପଡ଼ିଥିଲେ। ବିଶେଷକରି ବିଭିନ୍ନ ଅଞ୍ଚଳରେ ରାସ୍ତା କଡରେ ବସୁଥିବା ପରିବା ଦୋକାନୀ ଆଳୁ କେଜି ୫୦ ଟଙ୍କାରେ ବିକ୍ରି କରୁଥିବା ବେଳେ ଯେଉଁ ଗ୍ରାହକ ଏକକାଳୀନ ୨କେଜି ନେବେ ତାଙ୍କୁ କେଜି ୪୫ ଟଙ୍କା ଦରରେ ଦେଉଥିବା ଦେଖାଯାଇଥିଲା। ସେହିପରି ସବ୍‌ଡିଲର ପଏଣ୍ଟ ଗୁଡିକରେ ଆଳୁକେଜି ୪୫ ଟଙ୍କାରେ ବିକ୍ରି ହେଉଥିଲା। ଏ ସମ୍ପର୍କରେ ଜନସାଧାରଣଙ୍କ ପକ୍ଷରୁ ଜିଲା ଯୋଗାଣ ବିଭାଗର ବାରମ୍ବାର ଦୃଷ୍ଟି ଆକର୍ଷଣ କରିବା ପରେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଆଳୁ ସହିତ ପିଆଜ ଦର ବୃଦ୍ଧି ମଧ

### ଚିନ୍ତାରେ ଢେଙ୍କାନାଳର ଖାଉଟି

ଚିନ୍ତା ବଢାଇଛି। ସୋମବାର ଢେଙ୍କାନାଳକୁ ୪୦୦ କୁଇଣ୍ଟାଲ ଆଳୁ ଆସିଥିବା ଜିଲା ଯୋଗାଣ ବିଭାଗ ଅଧିକାରୀ ସୂଚନା ଦେଇଛନ୍ତି। ଅଧିକାଂଶ ଦୋକାନୀ ଆଳୁ ଦର ସୂଚନା ଫଳକରେ ଲେଖୁ ନ ଥିବାରୁ ବିଭିନ୍ନ ସ୍ଥାନରେ ଗ୍ରାହକମାନଙ୍କ ସହିତ ଦୋକାନୀଙ୍କ ବିବାଦ ହେଉଥିବା ଦେଖାଯାଉଛି। ଏ ସଂକ୍ରାନ୍ତରେ ଜିଲା ଯୋଗାଣ ବିଭାଗ ଅଧିକାରୀ ବସନ୍ତ କୁମାର ପଣ୍ଡା କହିଛନ୍ତି, ଭୁବନେଶ୍ୱରରୁ କାଲି ୫୦ ଟଙ୍କା ଦରରେ ଗୋଟିଏ କେଜି ଆଳୁ କିଣିଥିଲି। ଢେଙ୍କାନାଳରେ କେଉଁଠି ୪୫ ତ ଅନ୍ୟ କେଉଁଠି ୫୦ ଟଙ୍କା ଦରରେ ଆଳୁ ବିକ୍ରି ହେଉଛି। ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢାଉ କରାଯିବ।

# ସ୍କୁଲ ବସ୍‌କୁ ଧକ୍କାଦେଲା ଟ୍ରେଲର

### ୧୨ ଛାତ୍ରୀଛାତ୍ର ଆହତ



ଦୁର୍ଘଟଣାଗ୍ରସ୍ତ ସ୍କୁଲ ବସ୍।


ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟ ଚିକିତ୍ସାଳୟ ନିଆଯାଇଛି।

**ଢେଙ୍କାନାଳ,୨।୧୨(ରତନ ନାୟାର)**

ସେଣ୍ଟ ଜାଭିୟର୍ସ ହାଇସ୍କୁଲକୁ ଛାତ୍ରୀଛାତ୍ରଙ୍କୁ ନେଇ ଯାଉଥିବା ଏକ ସ୍କୁଲ ବସ୍‌କୁ ସୋମବାର ସକାଳେ ଢେଙ୍କାନାଳ ସହର କୋରିଆଁ ବାଇପାସ ନିକଟ ୫୫ନଂ. ଜାତୀୟ ରାଜପଥର ରଣପଶିଠାରେ ଏକ ଟ୍ରେଲର ପଛରୁ ଧକ୍କା ଦେଇଥିଲା। ଫଳରେ ବସ୍‌ରେ ଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୨ଜଣ ଆହାତ ହୋଇଥିଲେ। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଆହତଙ୍କ ମଧ୍ୟରୁ ଜଣେ ଛାତ୍ରୀଙ୍କ ମୁଣ୍ଡରେ ଗଭୀର କ୍ଷତ ଲାଗିଥିଲା। ଅନ୍ୟମାନଙ୍କୁ ଚିକିତ୍ସା ପରେ ଛାଡି ଦିଆଯାଇଥିଲା। ବସ୍‌ଟିର ଡାହାଣ ପାର୍ଶ୍ୱର କାଚ ଓ ରେଲିଂ ଭାଙ୍ଗି ଯାଇଥିଲା। ସକାଳେ ବିଦ୍ୟାଳୟର ବସ୍‌ଟି ଛାତ୍ରୀଛାତ୍ରଙ୍କୁ ନେଇ କୋରିଆଁ ବାଇପାସ ଠାରେ ଭୁଲ ରାସ୍ତାରେ ପଶିଯିବାରୁ ଉକ୍ତ ରାସ୍ତାରେ ପଛରୁ ଆସୁଥିବା ଟ୍ରେଲର ଧକ୍କା ଦେଇଥିବା ଜଣାପଡିଛି। ୫୫ନଂ ଜାତୀୟ ରାଜପଥରେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ କରୁଥିବାରୁ ବର୍ତ୍ତମାନ ପାଇଁ ଗାଡି ଚଳାଚଳ ନିମନ୍ତେ ପ୍ରାୟ ୩/୪ଟି ରାସ୍ତା କରାଯାଇଛି। ସାଇନେଜ ଲାଗି ନ ଥିବାରୁ ବିଭିନ୍ନ ଦିଗକୁ ଯାଉଥିବା ଯାନବାହନ ସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍କୁଲ ବସ୍‌ଟି ଏହି ଅସୁବିଧାର ସମ୍ମୁଖୀନ ହେବାରୁ ଦୁର୍ଘଟଣା ଘଟିଥିବା ଜଣାଯାଇଛି। ଖବରପାଇ ଟାଉନ ଥାନା ପୋଲିସ ପହଞ୍ଚି ଟ୍ରେଲରଟିକୁ ଜବତ କରି ଆଣିବା ସହିତ ଚାଳକଙ୍କୁ ଅଟକ ରଖିଛନ୍ତି। ରାତି ସାଢେ ୭ଟା ସୁଦ୍ଧା ଏ ସଂକ୍ରାନ୍ତରେ କୌଣସି ଅଭିଯୋଗ ହୋଇ ନ ଥିବାରୁ ମାମଲା ରୁଜୁ ହୋଇ ନ ଥିବା ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ କହିଛନ୍ତି। ଏ ସଂକ୍ରାନ୍ତରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର କହିଛନ୍ତି, ସଡ଼କ ସୁରକ୍ଷା କମିଟି ବୈଠକରେ ଏ ସମ୍ପର୍କରେ ପ୍ରସ୍ତାବ ଗୃହୀତ କରାଯାଇ ଜାତୀୟ ରାଜପଥ ପ୍ରାଧିକରଣକୁ ପତ୍ର ଲେଖାଯିବ।

# ଏଡ୍‌ସ ପୀଡ଼ିତଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କର

**ଭୁବନ,୨।୧୨(ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ଭୁବନ ମହିଳା କଲେଜ ପରିସରରେ ବିଶ୍ୱ ଏଡ୍‌ସ ଦିବସ ପାଳନ କରାଯାଇଛି। ଏହି ଅବସରରେ ଏଡ୍‌ସର ମୂଳ ଉତ୍ପାଟନ କରିବା ସମ୍ପର୍କରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରୀ, ଏନ୍‌ସିସି, ରେଡ୍‌କ୍ରସ, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ଏଥିରେ ସାମିଲ ହୋଇଥିଲେ। ଛାତ୍ରୀମାନେ ପ୍ଲାକାର୍ଡ ଧରି ସହର ପରିକ୍ରମା କରିବା ସହ ଏଡ୍‌ସ ନିରାକରଣ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ପରେ କଲେଜ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲେ। ଡିଗ୍ରୀ କଲେଜ ଅଧକ୍ଷ ଦିଲୀପ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜକୁ ଏଡ୍‌ସ ଭଳି ରୋଗରୁ ମୁକ୍ତି ସହ ପୀଡିତଙ୍କୁ ରୋଗମୁକ୍ତ ସହ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଯୁବପିଢି ସଙ୍କଳ୍ପ ନେବା ଜରୁରୀ ବୋଲି କହିଥିଲେ। ଡ. ମମତା ପାତ୍ର ଅଧକ୍ଷତା କରିଥିବା ବେଳେ ଅଧ୍ୟାପିକା ଡ. ନମିତା ଦାସ, ଯୁବ ରେଡ୍‌କ୍ରସ୍ କାଉନସେଲର ଅନୁପମା ମିଶ୍ର ଓ ଅଧ୍ୟାପକ ପ୍ରଶାନ୍ତ କୁମାର ରାଉତରାୟ ଯୋଗଦେଇ ସଚେତନତା ଉପରେ ମାର୍ଗଦର୍ଶନ ଦେଇଥିଲେ। ଅଧ୍ୟାପକ ନିରଞ୍ଜନ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀମାନେ।

# ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବିଧାନ ମିଶ୍ର



**ଢେଙ୍କାନାଳ,୨।୧୨(ରତନ ନାୟାର)**

ବିଶିଷ୍ଟ ଶିକ୍ଷାବିତ୍, ବରିଷ୍ଠ ଆଇନଜୀବୀ, ସଙ୍ଗଠକ ଓ ସାହିତ୍ୟିକ ସ୍ୱର୍ଗତ ଡ. ବିଧାନ ଚନ୍ଦ୍ର ମିଶ୍ରଙ୍କ ୭୯ତମ ଜୟନ୍ତୀ ରବିବାର ଢେଙ୍କାନାଳରେ ପାଳିତ ହୋଇଯାଇଛି। ପୂର୍ତ୍ତବିଭାଗ ଡାକ ବଙ୍ଗଳାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ତାଙ୍କ ସ୍ମୃତିଚାରଣ କରାଯାଇଥିଲା। ବହୁ ବିଶିଷ୍ଟ ବ୍ୟକ୍ତି ଓ ଶିକ୍ଷାବିତ୍ ଯୋଗଦେଇ ସ୍ୱର୍ଗତ ମିଶ୍ର ଜଣେ ସାଲିସ୍‌ବିହୀନ ବ୍ୟକ୍ତି ଥିଲେ ବୋଲି କହିଥିଲେ। ସ୍ପଷ୍ଟବାଦିତା ତାଙ୍କର ଧର୍ମ ଥିଲା। ଢେଙ୍କାନାଳ ଜିଲାର ସ୍ୱାର୍ଥ ପାଇଁ ସେ ଲଢ଼େଇରେ ସବୁବେଳେ ଆଗରେ ରହୁଥିଲେ। ଜିଲାର ସଂସ୍କୃତି, ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଗବେଷଣା ମାଧ୍ୟମରେ ସେ କବି ବ୍ରଜନାଥ ବଡ଼ଜେନାଙ୍କୁ ଢେଙ୍କାନାଳ ମାଟିର ବରପୁତ୍ର ବୋଲି ପ୍ରମାଣିତ କରିଥିଲେ। ଏହି ବହୁମୁଖୀ ପ୍ରତିଭାର ଅଧିକାରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦିଆଯାଇଥିଲା। ସମବାୟବିତ୍ ସୁକାନ୍ତ ମିଶ୍ର ସଭାପତିତ୍ୱ କରିଥିବାବେଳେ କବି ତଥା ବରିଷ୍ଠ ଖବରଦାତା ଅଭୟ ସାହୁ ମଞ୍ଚ ପରିଚାଳନା କରିଥିଲେ। ବିଶିଷ୍ଟ ଅତିଥି ଭାବେ ଜିଲା ସାମ୍ବାଦିକ ସଂଘ ସମ୍ପାଦକ ସତ୍ୟସ୍ୱରୂପ ଦାସ, ନାଟ୍ୟକାର ଦୀନେଶ ଦାସ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିଶ୍ୱନାଥ ବେହେରା, ବରିଷ୍ଠ ଖବରଦାତା ରାଜଶ୍ରୀ ଶତପଥୀ, ମଞ୍ଚ ଅଭିନେତା ଅରବିନ୍ଦ ସାହୁ, ଜୁବିଲି ଟାଉନ୍ ପୂଜା କମିଟି ସମ୍ପାଦକ ବିନୋଦ ମହାନ୍ତି, ଗଙ୍ଗାଧର ରାଉତ, ଶିକ୍ଷାବିତ୍ ଜୟଦେବ ଶତପଥୀ, ଆଇନଜୀବୀ କାମାକ୍ଷା ପ୍ରସାଦ ରଣା, ଲକ୍ଷ୍ମୀକାନ୍ତ ସାହୁ, ଆଶିଷ ଶତପଥୀ, ସୁଜାତା ସାହୁ, ଅମୂଲ୍ୟ ସାହୁ, ସର୍ବେଶ୍ୱର ବ୍ରହ୍ମ, ଆଦର୍ଶ ସାହୁ, ଗୋପୀନାଥ ବେହେରା, ଦେବକାନ୍ତ ମିଶ୍ର, ଦେବାଶିଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ମନୋହର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷକ ଅଭାବ: ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ

**ଢେଙ୍କାନାଳ,୨।୧୨(ରତନ ନାୟାର)**

ଢେଙ୍କାନାଳ ଜିଲା ସଦର ବ୍ଲକ ସୋଗରପଶି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ସମସ୍ୟା ଦେଖାଦେଇଛି। ଏଥିପାଇଁ ସୋଗରପଶି ଗ୍ରାମବାସୀ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏଥିସହିତ ଜିଲା ଶିକ୍ଷା ଅଧିକାରୀଙ୍କୁ ମଧ ଲିଖିତ ଭାବେ ଜଣାଇଛନ୍ତି। ଗ୍ରାମବାସୀ ଦର୍ଶାଇଛନ୍ତି, ବିଦ୍ୟାଳୟରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୯୨ଜଣ ପିଲା ପଢୁଛନ୍ତି। ବର୍ତ୍ତମାନ ୨ଜଣ ଶିକ୍ଷକ ରହିଛନ୍ତି। ଆଉ ୨ଜଣ ଶିକ୍ଷକ ନିଯୁକ୍ତ କରାଗଲେ ବିଦ୍ୟାଳୟରେ ପିଲାମାନଙ୍କ ପାଠପଢ଼ା ଠିକ୍ ଭାବରେ ହୋଇପାରିବ। ଅନେକ ସମୟରେ ଶିକ୍ଷକମାନେ ସରକାରଙ୍କ ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ପିଲାମାନଙ୍କ ପାଠପଢାରେ ବ୍ୟାଘାତ ଘଟୁଛି। ଖୁବ୍‌ଶୀଘ୍ର ଶିକ୍ଷକ ନିଯୁକ୍ତି ଦେଇ ଏହାର ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ଜଗବନ୍ଧୁ ନାଏକ, ସନ୍ତୋଷ କୁମାର ସାହୁ, ଜଗବନ୍ଧୁ ପୃଷ୍ଟି, ସୁଭଦ୍ରା ବେହେରା, ବବିତା ବେହେରା, ରିତା ବେହେରା, ରଶ୍ମିତା ବେହେରା, ସୁରୁଜୀ ଦେହୁରୀ, ବିସ୍ମିତା ବେହେରା ପ୍ରମୁଖ ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି।



# ବେଳହୁଁ ସାବଧାନ ହେଲେ ରୋଗମୁକ୍ତ ହେବା


ସଚ୍ଚିଦାନନ୍ଦ କଲେଜରେ ବିଶ୍ୱ ଏଡ୍‌ସ ଦିବସ ପାଳନ କରାଯାଉଛି।

**ଢେଙ୍କାନାଳ,୨।୧୨(ରତନ ନାୟାର)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡ୍‌କ୍ରସ ଓ ରେଡ୍ ରିବନ କ୍ଲବ୍ ତରଫରୁ ସୋମବାର ବିଶ୍ୱ ଏଡ୍‌ସ ଦିବସ ପାଳନ ସହିତ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଦୀପ କୁମାର ମିଶ୍ର ସଭାପତିତ୍ୱ କରି କହିଲେ, ଏଡ୍‌ସ ଗୋଟିଏ ମାରାତ୍ମକ ରୋଗ। ତେଣୁ ବେଳହୁଁ ସଚେତନ ହେବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରାଣୀ ବିଜ୍ଞାନ ଅଧ୍ୟାପକ ପ୍ରହଲ୍ଲାଦ କୁମାର ନାଏକ ଏଡ୍‌ସର ଲକ୍ଷଣ, ନିରାକରଣ ଓ ପ୍ରଭାବ ବିସ୍ତାର ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ସଭାକୁ ଅଧ୍ୟାପକ ଆଶିଷ କୁମାର ପଣ୍ଡା ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ଯୁବ ରେଡ୍‌କ୍ରସ୍ ଓ ରେଡ୍ ରିବନ୍ କ୍ଲବ୍ ଦାୟିତ୍ୱରେ ଥିବା ଗଣିତ ବିଭାଗର ମୁଖ୍ୟ ଶ୍ରୀକାନ୍ତ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅଧ୍ୟାପକ ସମରେନ୍ଦ୍ର ସିଂଙ୍କ ନେତୃତ୍ୱରେ ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀଙ୍କ ସମେତ ଛାତ୍ରୀଛାତ୍ରମାନେ ସାମିଲ ହୋଇ ଏକ ସଚେତନତା ଶୋଭାଯାତ୍ରାର ଆୟୋଜନ କରିଥିଲେ। ଉକ୍ତ ଶୋଭାଯାତ୍ରାରେ ଛାତ୍ରୀଛାତ୍ରମାନେ ସମଗ୍ର ପଞ୍ଚାୟତ ପରିଭ୍ରମଣ କରି ଜନସାଧାରଣଙ୍କୁ ସଚେତନ କରାଇଥିଲେ।

# ହାତୀ-ମଣିଷ ବିବାଦ ବୃଦ୍ଧି ନେଇ ସଂସଦରେ ଏମ୍‌ପିଙ୍କ ଉଦ୍‌ବେଗ

**ଢେଙ୍କାନାଳ,୨।୧୨(ରତନ ନାୟାର)**

ଢେଙ୍କାନାଳ ଲୋକ ସଭା ନିର୍ବାଚନମଣ୍ଡଳୀର ଢେଙ୍କାନାଳ ଓ ଅନୁଗୋଳ ଜିଲାରେ ହାତୀ-ମଣିଷ ବିବାଦ ବୃଦ୍ଧିକୁ ନେଇ ସୋମବାର ସଂସଦରେ ଏମ୍‌ପି ରୁଦ୍ର ନାରାୟଣ ପାଣି ଉଦ୍‌ବେଗ ପ୍ରକାଶ କରିଛନ୍ତି। ଓଡ଼ିଶାରେ ହାତୀ ସଂଖ୍ୟା ବୃଦ୍ଧି, ବିଶେଷକରି ଢେଙ୍କାନାଳ ଓ ଅନୁଗୋଳ ଜିଲାରେ ହାତୀଙ୍କ ସଂଖ୍ୟା ବଢ଼ିବା ସମ୍ପର୍କରେ କେନ୍ଦ୍ର ସରକାର ଅବଗତ ଅଛନ୍ତି କି, ନାହିଁ ସେ ସମ୍ପର୍କରେ ଏମ୍‌ପି ପ୍ରଶ୍ନ ପଚାରିବା ସହିତ ହାତୀ-ମଣିଷ ବିବାଦ ବୃଦ୍ଧି ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଢେଙ୍କାନାଳ ଓ ଅନୁଗୋଳ ଜିଲାରେ ହାତୀ-ମଣିଷ ବିବାଦ ବୃଦ୍ଧି ଯୋଗୁ କେତେ ଲୋକଙ୍କ ଜୀବନହାନି ସହ ଫସଲ ନଷ୍ଟ ହୋଇଥିବାବେଳେ ସରକାରଙ୍କ ପକ୍ଷରୁ କ'ଣ ପଦକ୍ଷେପ ନିଆଯାଇଛି ବୋଲି ଏମ୍‌ପି ପ୍ରଶ୍ନ କରିଥିଲେ।

ଏହି ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂ କହିଥିଲେ, ଓଡ଼ିଶଶ ସରକାରଙ୍କଠାରୁ ମିଳିଥିବା ସୂଚନା ମୁତାବକ ଢେଙ୍କାନାଳ ଲୋକ ସଭା ନିର୍ବାଚନମଣ୍ଡଳୀର ଅନୁଗୋଳ ଜିଲାରେ ୨୦୨୧-୨୨ରେ ହାତୀ-ମଣିଷ ବିବାଦରେ ୬ ହାତୀଙ୍କ ମୃତ୍ୟୁ ଘଟିଥିବା ବେଳେ ୧୪ଜଣ ଲୋକଙ୍କ ଜୀବନ ଯାଇଛି। ୨୦୨୨-୨୩ରେ ୫ ହାତୀ ଓ ୧୬ ମଣିଷ, ୨୦୨୩-୨୪ରେ ୪ ହାତୀ ଓ ୨୪ ମଣିଷ, ୨୦୨୪-୨୫ର ବର୍ତ୍ତମାନ ସୁଦ୍ଧା ୨ହାତୀ ଓ ୮ ମଣିଷଙ୍କ ମୃତ୍ୟୁ ହୋଇଛି। ଅନୁଗୋଳ ଜିଲାରେ ୪ବର୍ଷ ମଧ୍ୟରେ ମୋଟ ୧୭ ହାତୀ ଓ ୬୨ ଲୋକଙ୍କ ମୃତ୍ୟୁ ଘଟିଛି। ସେହିପରି ଢେଙ୍କାନାଳ ଜିଲାରେ ୨୦୨୧-୨୨ରେ ୩ ହାତୀ ଓ ୧୭ ମଣିଷ, ୨୦୨୨-୨୩ରେ ୫ ହାତୀ ଓ ୩୪ ମଣିଷ, ୨୦୨୩-୨୪ରେ ୪ ହାତୀ ଓ ୩୨ ମଣିଷ, ୨୦୨୪-୨୫ରେ ବର୍ତ୍ତମାନ ସୁଦ୍ଧା ୨ ହାତୀ ଓ ୧୭ ମଣିଷଙ୍କ ଜୀବନହାନି ଘଟିଛି। ଢେଙ୍କାନାଳ ଜିଲାରେ ଗତ ୪ବର୍ଷ ମଧ୍ୟରେ ୧୪ଟି ହାତୀ ଓ ୧୦୦ ଜଣ ମଣିଷଙ୍କ ମୃତ୍ୟୁ ଘଟିଛି।


ଏମ୍‌ପି ରୁଦ୍ର ନାରାୟଣ ପାଣି।

ହାତୀ-ମଣିଷ ବିବାଦରେ ଢେଙ୍କାନାଳ ଜିଲାରେ ସବୁଠାରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିବା ସୂଚନାରୁ ଜଣାପଡିଛି। ବନବିଭାଗ ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ଲୋକମାନଙ୍କୁ ସଚେତନ କରିବା ସହିତ ସତର୍କତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦିଆଯାଉଛି। ହାତୀ-ମଣିଷ ବିବାଦ ରୋକିବା ସମ୍ପର୍କରେ ବହୁ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି। ବିଭିନ୍ନ ଗୋଷ୍ଠୀକୁ ମଧ୍ୟ ଏଥିରେ ସାମିଲ କରାଯାଉଛି। ମନ୍ତ୍ରାଳୟ ପକ୍ଷରୁ ଏଥିପାଇଁ ଆର୍ଥିକ ଓ ବୈଷୟିକ ସହାୟତା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳମାନଙ୍କୁ ପ୍ରଦାନ କରାଯାଉଛି । ସେହିପରି ହାତୀ ଓ ବାଘ ଭଳି ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ କରିଡର ଏବଂ ଚଳପ୍ରଚଳ ଅଞ୍ଚଳରେ ସୁରକ୍ଷା ବନ୍ଦୋବସ୍ତ କରାଯିବା ସହିତ ଯେପରି ବନ୍ୟପ୍ରାଣୀମାନେ ଜନବସତି ଅଞ୍ଚଳରେ ପ୍ରବେଶ କରିପାରିବେ ନାହିଁ, ସେଥିପାଇଁ ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ହାତୀମାନଙ୍କ ପାଇଁ ପାଣିର ସୁବିଧା, ବାଉଁଶ ଗଛ ଲଗାଯାଉଛି, କାମ୍ପା ଆକ୍ଟ-୨୦୧୬ ଅନୁଯାୟୀ ବନ୍ୟପ୍ରାଣୀ ଅଞ୍ଚଳଗୁଡିକରେ ବିଭିନ୍ନ ଯୋଜନା କରାଯାଇଛି। ସେହିପରି ହାତୀ-ମଣିଷ ବିବାଦ ସମ୍ପର୍କରେ ଏକ ନିର୍ଦ୍ଦେଶାବଳୀ ୨୦୨୧ ଫେବୃୟାରୀରେ ମନ୍ତ୍ରାଳୟ ପକ୍ଷରୁ ଘୋଷଣା କରାଯାଇଛି। ଏହି ନିର୍ଦ୍ଦେଶାବଳୀ ଅନୁଯାୟୀ ହାତୀ-ମଣିଷ ବିବାଦ ସ୍ଥାନଗୁଡିକୁ ଚିହ୍ନଟ କରିବା, ରାପିଡ ରେସପନ୍ସ ଟିମ ଗଠନ କରାଯାଇ ଏହାର ରାଜ୍ୟ ଓ ଜିଲାସ୍ତରରେ ସମୀକ୍ଷା କରିବା, କ୍ଷତିପୂରଣ ପ୍ରଦାନ ସମ୍ପର୍କରେ ମଧ ସମୀକ୍ଷା କରିବା, ୨୪ ଘଣ୍ଟା ମଧ୍ୟରେ ବନ୍ୟପ୍ରାଣୀ ଆକ୍ରମଣରେ ମୃତ ବ୍ୟକ୍ତିମାନଙ୍କୁ ସହାୟତା ରାଶି ପ୍ରଦାନ କରିବା, ସେହିପରି ୨୦୨୨ ଜୁନ୍ ୩ ତାରିଖରେ ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ପକ୍ଷରୁ ବନ୍ୟପ୍ରାଣୀ-ମଣିଷ ବିବାଦରେ ଫସଲ କ୍ଷୟକ୍ଷତି ହେଉଥିବା ଏବଂ ଏହାକୁ ରୋକିବା ସମ୍ପର୍କରେ ଏକ ଗାଇଡଲାଇନ ଜାରି କରାଯାଇଛି। ଏ ସମ୍ପର୍କରେ ବିଭିନ୍ନ କର୍ମଶାଳା ମଧ ଆୟୋଜିତ ହେଉଛି। ହାତୀ ଆକ୍ରମଣରେ ଢେଙ୍କାନାଳ-ଅନୁଗୋଳ ଜିଲାରେ ଲୋକଙ୍କ ମୃତ୍ୟୁ ସଂଖ୍ୟା ବଢୁଥିବା ବେଳେ ଏହାକୁ ନେଇ ଏମ୍‌ପି ରୁଦ୍ର ନାରାୟଣ ପାଣି ଉଦ୍‌ବେଗ ପ୍ରକାଶ କରିବା ସହିତ ବିଭିନ୍ନ ସମୟରେ ମୃତକଙ୍କ ପରିବାରକୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ ହେଉଥିବା ସୂଚନା ଦେଇଛନ୍ତି ।

# ଆଶାମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦାବି


ଓଡ଼ିଶା ମିଳିତ ଆଶା ୟୁନିୟନ୍ ପକ୍ଷରୁ ଅନୁଷ୍ଠିତ ବୈଠକରେ ଆଶାକର୍ମୀମାନେ।

**ଅନୁଗୋଳ.୨।୧୨(ମାନସ ବିଶ୍ୱାଳ)**

ଅନୁଗୋଳ ଜିଲାର ବନ୍ତଳା, ବଣାମିରା, କୋଶଳା, ଛେଣ୍ଡିପଦାଠାରେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଏଆଇୟୁଟିୟୁସି ସହବନ୍ଧିତ ଓଡ଼ିଶା ମିଳିତ ଆଶା ୟୁନିୟନ୍ ପକ୍ଷରୁ ଆଶାମାନଙ୍କୁ ନେଇ ବୈଠକମାନ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଜାତୀୟ ସ୍ୱାସ୍ଥ୍ୟ ମିଶନ ସ୍କିମ୍‌ରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ କାର୍ଯ୍ୟରତ ଆଶାମାନଙ୍କୁ ସ୍ୱେଚ୍ଛାସେବୀ ପରିବର୍ତ୍ତେ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ କରି ମାସକୁ ସର୍ବନିମ୍ନ ୨୮ ହଜାର ଟଙ୍କା ଦରମା ପ୍ରଦାନ, ଅବସରକାଳୀନ ପେନ୍‌ସନ୍, ପିଏଫ୍ ଇନ୍ସ୍ୟୁରାନ୍ସ ବ୍ୟବସ୍ଥା କରିବା, ଆଶାମାନଙ୍କ ଦୈନିକ କାମ କରିବାର ସମୟ ନିଘର୍ଣ୍ଣ କରିବା, ଅତିରିକ୍ତ କାମ ପାଇଁ ଅତିରିକ୍ତ ପାରିଶ୍ରମିକ ପ୍ରଦାନ କରିବା, ଆଶାମାନଙ୍କ ପ୍ରୋତ୍ସାହନ ରାଶି ପ୍ରତିମାସରେ ପ୍ରଦାନ କରିବା, ସ୍ୱାଭାବିକ ମୃତ୍ୟୁକାଳୀନ ସହାୟତା ୫ଲକ୍ଷ ଟଙ୍କା ଓ ଦୁଘର୍ଟଣାଜନିତ ମୃତ୍ୟୁ ପାଇଁ ୧୦ ଲକ୍ଷ ଟଙ୍କା ପ୍ରଦାନ କରିବା ଆଦି ଦାବି ବୈଠକରେ ଆଲୋଚନା ହୋଇଥିଲା। ସମସ୍ତ ବୈଠକରେ ଓଡ଼ିଶା ମିଳିତ ଆଶା ୟୁନିୟନ୍‌ର ଜିଲା ଆବାହକ ଟୀଥର୍ବାସୀ ଭୋଇ ଯୋଗଦେଇ ନ୍ୟାୟସଙ୍ଗତ ଦାବି ହାସଲ ପାଇଁ ଶକ୍ତିଶାଳୀ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ। କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଏଆଇୟୁଟିୟୁସି ପକ୍ଷରୁ ୧୫ରୁ ୧୭ ଡିସେମ୍ବର ଭୁବନେଶ୍ୱର ଠାରେ ହେବାକୁ ଥିବା ସବର୍ଭାରତୀୟ ସମ୍ମିଳନୀରେ ଆଶାମାନେ ଯୋଗଦାନ କରି ସଫଳ କରିବାକୁ ଆଲୋଚନା ହୋଇଥିଲା। ଏହି ସମସ୍ତ ବୈଠକରେ ଓଡ଼ିଶା ମିଳିତ ଆଶା ୟୁନିୟନର ଜିଲା ସଙ୍ଗଠିକା ମନ୍ଦଦୋରୀ ରାଉଳ, ଜୟନ୍ତୀ ସାହୁ, ସାରଳା ଧଳ, ସବିତା ବେହେରା, ଅସ୍କରା ସାହୁଙ୍କ ସେମତ ବହୁ ଆଶାକର୍ମୀ ଯୋଗ ଦେଇଥିଲେ ।

## ମହାନଦୀ ଗୁଡ୍‌ସ୍ ଟ୍ରାନ୍ସପୋର୍ଟ ମାଲିକ ସଂଘ ବୈଠକ

**ବଇଣ୍ଡା,୨।୧୨(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବାମୁର ନିକଟରେ ରବିବାର ମହାନଦୀ ଗୁଡ୍‌ସ୍ ଟ୍ରାନ୍ସପୋର୍ଟ ଆଠମଲ୍ଲିକ ମାଲିକ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଠମଲ୍ଲିକ ଆସୋସିଏଶନର ସଭାପତି ଧୋବେଇ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ବୁଲୁ ବାବୁ, ଘାସି ମହାକୁଡ଼, ମା’ ସୁରେଶ୍ୱର ହାଇୱା ମାଲିକ ସଂଘ କିଶୋରନଗର ସଭାପତି ସଞ୍ଜୀବ କୁମାର ପ୍ରଧାନ, କୃପାସିନ୍ଧୁ ବିଶ୍ୱାଳ, ଲିଟୁ ପ୍ରଧାନ, କ୍ଷୀରୋଦ ସାହୁ, ଜିତେନ୍ଦ୍ର ସାହୁ, ଜୟା ସାହୁ, ଜିତେନ୍ଦ୍ର ବେହେରା ଏବଂ ଉଭୟ ସଂଘ ମାଲିକ ଉପସ୍ଥିତ ଥିଲେ। ଏ ଅଞ୍ଚଳର ସମସ୍ତେ କିପରି ସ୍ୱାବଲମ୍ବୀ ହେବେ ଏବଂ ଏକାଠି ରହିବେ ସେଥିପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା।



# ଧାନକିଣାରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ



**ଅନୁଗୋଳ,୨।୧୨ (ମାନସ ବିଶ୍ୱାଳ)**

### ଭାଜପା କୃଷକ ମୋର୍ଚ୍ଚା ତରଫରୁ ଅଭିଯାନ କର୍ମଶାଳା

ଅନୁଗୋଳ ଜିଲାରେ ଖରିଫ ଧାନ ସଂଗ୍ରହ ଜାନୁଆରୀ ୫ ତାରିଖ ଠାରୁ ଆରମ୍ଭ ହେବ ବୋଲି ଜିଲା ପ୍ରଶାସନ ନିଷ୍ପତ୍ତି ନେଇଛି। ଧାନମଣ୍ଡି ଓ ଧାନ କିଣା କାରବାର ବ୍ୟାପକ ସ୍ୱଚ୍ଛତାର ସହିତ କରିବା ପାଇଁ ସୋମବାର ଭାଜପା କୃଷକ ମୋର୍ଚ୍ଚା ତରଫରୁ ଜିଲା ଭାଜପା କାର୍ଯ୍ୟାଳୟଠାରେ ଜିଲା ସଭାପତି ବିଜୟ କୁମାର ମାଝୀଙ୍କ ସଭାପତିତ୍ୱରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲାରେ ୯୯ଟି ମଣ୍ଡି ଦ୍ୱାରା ଧାନ କିଣାଯିବାକୁ ଥିବାବେଳେ ସ୍ୱଚ୍ଛତାର ସହିତ କରାଯିବା, କଟନି ଛଟନି ବନ୍ଦ କରିବା ଓ ମିଲରମାନଙ୍କ ମନମାନିକୁ ଦୃଢ଼ତାର ସହିତ ରୋକାଯିବ ବୋଲି ରାଜ୍ୟ ସଭାପତି କହିଥିଲେ। ଜିଲାର ସମସ୍ତ ଧାନମଣ୍ଡିରେ କୃଷକ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ଜଗିବା ସହିତ ତଦାରଖ କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ଦିଲେଶ୍ୱର ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ସୁଦୀପ୍ତ ଗଡ଼ନାୟକ, କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ପୁଲିନ ପ୍ରକାଶ ପୁହାଣ, ରାଜ୍ୟ ସମ୍ପାଦକ ପ୍ରଶାନ୍ତ କୁମାର ସାଇଁ, ରାଜ୍ୟ ସଂଯୋଜକ ସନ୍ତୋଷ କୁମାର ବିଶ୍ୱାଳ ଓ ଜଗନ୍ନାଥ ଗଡ଼ନାୟକ ସିଂ, ବରିଷ୍ଠ ଭାଜପା ନେତା ଦିବାକର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଜିତ କୁମାର ପ୍ରଧାନ, ପ୍ରବୀଣ କୁମାର ସାହୁ, ହୃଷୀକେଶ ପ୍ରଧାନ, ଜୀବନାନନ୍ଦ ସାହୁ, ଜିତେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଉପସଭାପତି ସୁଶାନ୍ତ କୁମାର ସାମଲ ଧନ୍ୟବାଦ ଦେଇଥିଲେ।

# ୨ ଶହ ଗଞ୍ଜେଇ ଗଛ କରାଗଲା ନଷ୍ଟ

**ଛେଣ୍ଡିପଦା,୨।୧୨(ଅଜିତ ଧଳ)**

### ପୋଲିସ, ଅବକାରୀ ବିଭାଗର ଚଢ଼ାଉ

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ବିଭିନ୍ନ ଅଞ୍ଚଳରେ ଦୀର୍ଘ ୧୦ ବର୍ଷ ପରେ ଗଞ୍ଜେଇ ଚାଷ ପୁଣି ମୁଣ୍ଡ ଟେକିଛି। ଏହାକୁ ଦମନ କରିବା ପାଇଁ ପୋଲିସ, ବନବିଭାଗ ଏବଂ ଅନୁଗୋଳ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇ ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଗଛ କାଟି ନଷ୍ଟ କରାଯାଉଥିବା ବେଳେ ସୋମବାର ଛେଣ୍ଡିପଦା ପୋଲିସ, ବନବିଭାଗ ଓ ଅବକାରୀ ବିଭାଗ ବରିପଦା ଅଞ୍ଚଳରେ ଚଢ଼ାଉ କରି ଜଙ୍ଗଲ ଜମିରୁ ୨ଶହ ପରିପକ୍ୱ ଗଞ୍ଜେଇ ଗଛ କାଟି ନଷ୍ଟ କରିଛି। ପୂର୍ବରୁ ଘରୋଇ ଜମିରେ ହେଉଥିବା ଗଞ୍ଜେଇ ଗଛକୁ କାଟି ପୋଲିସ ଏବଂ ଅବକାରୀ ବିଭାଗ ଜମି ମାଲିକଙ୍କ ନାମରେ ମାମଲା ରୁଜୁ କରିବା ସହିତ ଚାଷୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରୁଥିଲା। କିନ୍ତୁ ବର୍ତ୍ତମାନ ଗଞ୍ଜେଇ ଚାଷୀମାନେ ସରକାରୀ ଜମି ଏବଂ ଜଙ୍ଗଲ ଜମିକୁ ସୁରକ୍ଷିତ ଭାବି ଗଞ୍ଜେଇ ଚାଷ କରୁଥିବା ଯୋଗୁ ଏହାକୁ ଦମନ ପାଇଁ ପ୍ରଶାସନର ମୁଣ୍ଡ ବିନ୍ଧା ଆରମ୍ଭ ହୋଇଛି। ଗତ ସପ୍ତାହରେ ନାଉପଦା, ବାଲିପଶି ଅଞ୍ଚଳରେ ପୋଲିସ, ଅବକାରୀ ଏବଂ ବନବିଭାଗ ମିଳିତ ଭାବେ ଚଢ଼ାଉ କରି ୫୦ ଲକ୍ଷରୁ ଅଧିକ ଟଙ୍କାର ଗଞ୍ଜେଇ ଗଛ ନଷ୍ଟ କରିବା ସହ ଏକ ବଗିଚାରୁ ପୋଲିସ ବନ୍ଧୁକ ଜବତ କରିଥିଲା।



# ଶୃଙ୍ଖଳିତ ବ୍ୟକ୍ତି ନିର୍ଭୀକ ହୋଇଥାଏ



**ଆଠମଲ୍ଲିକ,୨।୧୨(ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକର ବରିଷ୍ଠ ନାଗରିକ ମଞ୍ଚ ତରଫରୁ ରଥସନ୍ନିହିତ ଜଗନ୍ନାଥ ମନ୍ଦିର ପରିସରରେ ମଞ୍ଚ ସଭାପତି ପୀତାମ୍ବର ବିଶ୍ୱାଳଙ୍କ ସଭାପତିତ୍ୱରେ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଙ୍ଗଠନର ସଭ୍ୟ ସଂଖ୍ୟା ବୃଦ୍ଧି ଓ ବରିଷ୍ଠ ନାଗରିକମାନେ ସମ୍ମୁଖୀନ ହେଉଥିବା ଅସୁବିଧା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ବିଶ୍ୱ ମାନବ ଅଧିକାର ସୁରକ୍ଷା ସଙ୍ଗଠନ ଓଡ଼ିଶା ଶାଖା କାର୍ଯ୍ୟକାରୀ ସଭାପତି ଡ. ରାମଚନ୍ଦ୍ର ରାଉତରାୟଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଡ. ରାଉତରାୟ ଅନୁଗୋଳ ଜିଲା ବନ୍ତଳା ମେଡିକାଲ ନିର୍ମାଣ ପାଇଁ ଜମି ଦାନ କରିବା ସହିତ ଦୀର୍ଘ ଦିନ ହେଲା ମାନବ ସେବାରେ ନିୟୋଜିତ ଅଛନ୍ତି। ସମ୍ବର୍ଦ୍ଧନାର ଉତ୍ତରରେ ଡ. ରାଉତରାୟ କହିଥିଲେ, ବରିଷ୍ଠ ନାଗରିକମାନେ ସଙ୍ଗଠିତ ଓ ଶୃଙ୍ଖଳିତ ହେଲେ ନିର୍ଭିକ ହେବା ସହିତ ସମାଜ ଏବଂ ସବୁ କ୍ଷେତ୍ରରେ ସମ୍ମାନ ପାଇପାରିବେ। ଅନ୍ୟମାନଙ୍କ ମଧ୍ୟରେ ମାନବ ସୁରକ୍ଷା ସଙ୍ଗଠନର ଅନୁଗୋଳ ଜିଲା ଅତିରିକ୍ତ ସମ୍ପାଦକ ଅକ୍ରମ କୁମାର ବାରିକ, ମଞ୍ଚ ଉପସଭାପତି ଜାଗେଶ୍ୱର ମିଶ୍ର, ସମ୍ପାଦକ ବିଦ୍ୟାଧର ବାହୁକ, ଅବସରପ୍ରାପ୍ତ ପ୍ରାଧ୍ୟାପକ ନନ୍ଦକିଶୋର ମହାକୁଡ, ସଭ୍ୟ ସନ୍ତୋଷ ତ୍ରିପାଠୀ, ରାମାନନ୍ଦ ପାଣିଗ୍ରାହୀ, ମୋହନ ସ୍ୱାଇଁ, ବାଞ୍ଛାନିଧି ଲୋଇ, ଧର୍ମରାଜ ସାହୁ, କୁନ୍ତଳ ସାହୁ, ସୁବଳ ଚରଣ ପଣ୍ଡା, ଘାଶୀନାଥ ବିଶ୍ୱାଳ, ଦେବାର୍ଚ୍ଚନ ରାଉଳ, ପୂର୍ବତନ ପ୍ରଶାସନିକ ଅଧିକାରୀ ଗୋପବନ୍ଧୁ ପ୍ରଧାନ, ମେଘନାଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୬୦ ଜଣ ବରିଷ୍ଠ ନାଗରିକ ନୂତନ ସଭ୍ୟ ଭାବରେ ପଞ୍ଜୀକୃତ ହୋଇଥିଲେ। ଆଠମଲ୍ଲିକ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବିଶ୍ୱେଶ୍ୱର ମିଶ୍ରଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିବାକୁ ସରକାରଙ୍କ ନିକଟରେ ଦାବି ଜଣାଇବା ପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା।

# ଏଡିୟୁଜେର ନୂତନ କର୍ମକର୍ତ୍ତା ଚୟନ

**ଅନୁଗୋଳ,୨।୧୨ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ସହର ବାସନ୍ତୀ ଦୁର୍ଗାପୂଜା ପଡ଼ିଆରେ ଓଡ଼ିଶା ସାମ୍ବାଦିକ ୟୁନିୟନ (ଓୟୁଜେ) ଅନୁବନ୍ଧିତ ଅନୁଗୋଳ ଜିଲା ସାମ୍ବାଦିକ ସଂଘ (ଏଡିୟୁଜେ)ର ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ବୀରେନ୍ଦ୍ର କୁମାର ପ୍ରଧାନ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସଭାପତି ଭାବେ ଅଜିତ କୁମାର ଧର, ସାଧାରଣ ସମ୍ପାଦକ ସ୍ୱାଧୀନ କୁମାର ସାମଲ, କାର୍ଯ୍ୟକାରୀ ସଭାପତି ସୁଶାନ୍ତ କୁମାର ସାହୁ, ଉପସଭାପତି ଭାବେ ଦିଲୀପ କୁମାର ସାହୁ, ସୁଧାକର ସାହୁ ଏବଂ କମଳାକାନ୍ତ ମିଶ୍ର ଚୟନ ହୋଇଥିବା ବେଳେ କୋଷାଧ୍ୟକ୍ଷ ଭାବେ ଦିନେଶ ଦେହୁରୀ ଓ ସହ ସମ୍ପାଦକ ଭାବେ ରାଜେଶ ସେକସେରିଆ ଚୟନ ହୋଇଛନ୍ତି। ଉପଦେଷ୍ଟା ଭାବେ ସୁବାସ ଚନ୍ଦ୍ର ସାହୁ, ସନ୍ତୋଷ କୁମାର ମିଶ୍ର, ନିରଞ୍ଜନ ନାଏକ, ମହେଶ ଭୋମରାଜ ପ୍ରମୁଖ ଚୟନ ହୋଇଛନ୍ତି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରୂପେ ବୀରେନ୍ଦ୍ର କୁମାର ପ୍ରଧାନ ଓ ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ଭାବେ ନିପୁ ଭୂତିଆଙ୍କୁ ଚୟନ କରାଯାଇଛି। କଣିହାଁ, ତାଳଚେର, ବଅଁରପାଳ, ଅନୁଗୋଳ, ଛେଣ୍ଡିପଦା, ବନ୍ତଳା, କିଶୋରନଗର, ଆଠମଲ୍ଲିକ ଆଦି ଅଞ୍ଚଳର ବହୁ ଖବରଦାତା ଯୋଗ ଦେଇଥିଲେ।



# ୨୫ ଅଭିଯୋଗର ଶୁଣାଣି

**ପାଲଲହଡ଼ା,୨।୧୨ (ଦିବ୍ୟଜ୍ୟୋତି ଦାଶ)**

ପାଲଲହଡ଼ା ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଅନୁଗୋଳ ଜିଲାପାଳ ଅବଦଲ ମହମ୍ମଦ ଅଖତାର ଅଭିଯୋଗ ଶୁଣାଣି କରିଥିଲେ। ଏହି ଶୁଣାଣି ଶିବିରରେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଆଇଏଏସ ଟ୍ରେନି ତେଜସ୍ୱିନୀ ବେହେରା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ, ଉପଜିଲାପାଳ ସୁଶାନ୍ତ କୁମାର ପତି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଶାନ ମିଶ୍ର, ତହସିଲଦାର ଆକାଂକ୍ଷା ମହାପାତ୍ର, ଏସ୍‌ଡିପିଓ ସୁଶାନ୍ତ କୁମାର ତାଉଡିଆଙ୍କ ସହିତ ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସମେତ ଉପଖଣ୍ଡ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଏହି ଶିବିରରେ ସମୁଦାୟ ୨୫ଟି ମାମଲାର ଶୁଣାଣି କରାଯାଇଥିଲା। ସାମୂହିକ ଭାବରେ ୫ ଗୋଟି ମାମଲା ଏବଂ ବ୍ୟକ୍ତିଗତ ଭାବରେ ୨୦ ଗୋଟି ମାମଲାର ଶୁଣାଣି କରାଯାଇଥିଲା। ତତ୍‌କ୍ଷଣାତ ୪ଟି ମାମଲାର ସମାଧାନ ଜିଲାପାଳ କରିଥିଲେ। ପୁରୁଣାପାଣି ଗ୍ରାମର ବୈଦେଇ ପଦିଲିଙ୍କୁ ୭୫୦୦ ଟଙ୍କା, ସାଆନ୍ଦା ଗ୍ରାମର ନନ୍ଦିନୀ ଗଡନାୟକଙ୍କୁ ୫୦୦୦ ଟଙ୍କା ଜିଲା ରେଡକ୍ରସ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଥିଲା।


ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

# ଏଡ୍‌ସ ସମ୍ପର୍କରେ ସଚେତନ କଲେ ଛାତ୍ରୀଛାତ୍ର



କଲେଜରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

**ବଅଁରପାଳ,୨।୧୨ (ସୁବାସ ସାହୁ)**

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ପିଏସ୍‌ଏସ୍‌ଜେ ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ପାର୍ଥବୀର ନାୟକଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନଙ୍କୁ ନେଇ କଲେଜ ପରିସରରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ବିଭିନ୍ନ ଅଞ୍ଚଳ ପରିକ୍ରମା କରିବା ସହ ସଚେତନତା ସୃଷ୍ଟି କରିଥିଲା। ପରେ କଲେଜ ପରିସରରେ ଅନୁଷ୍ଠିତ ବୈଠକରେ ଏଡ୍‌ସ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପାର୍ଥାବୀର ନାୟକ ବୈଠକରେ ଅଧକ୍ଷତା କରିଥିବା ବେଳେ ଅଧ୍ୟାପିକା ଗାୟତ୍ରୀ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଯୁବ ରେଡ୍‌କ୍ରସ୍ ସଂଯୋଜକ ଅଧ୍ୟାପକ ମନୋଜ କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ରାଜେଶ କୁମାର ଜେନା, ପୂର୍ଣ୍ଣେନ୍ଦୁ ଭୂତିଆ, ନିରଞ୍ଜନ ମଲ୍ଲିକ, କ୍ଷୀରୋଦିନୀ ପାଣି, ପ୍ରିୟଦର୍ଶିନୀ ସାମଲ ଉପସ୍ଥିତ ଥିଲେ। ଅଧ୍ୟାପକ ମହେଶ୍ୱର ବାରିକ ଏଡ୍‌ସ ସଚେତନମୂଳକ ସଙ୍ଗୀତ ପରିବେଷଣ କରିଥିଲେ। ସୌରଭ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଭେଦଭାବ ଦୂର କରିଛି ସ୍କୁଲ ପୋଷାକ

**ଆଠମଲ୍ଲିକ,୨।୧୨(ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ସହରସ୍ଥିତ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ପୋଷାକ ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ବିଶ୍ୱାଳ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାଶରଥି ଶୁଣ୍ଠୀ, ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟି ସଭାପତି ସଦାନନ୍ଦ ଦନ୍ତା, ସଦସ୍ୟ ଉଦୀପ୍ତ ପୁରୋହିତ ପ୍ରମୁଖ ଯୋଗଦେଇ ସରକାରଙ୍କ ଦ୍ୱାରା ପ୍ରତ୍ୟେକ ସରକାରୀ ସ୍କୁଲରେ ପୋଷାକ ବଣ୍ଟନ ହେଉଥିବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଉ ଧନୀ–ଗରିବ ଭେଦଭାବ ରହୁ ନାହିଁ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ସଦସ୍ୟ ସୁରେନ୍ଦ୍ର ବଡ଼ମାଳୀ, ରାଜକିଶୋର ମୁଣ୍ଡା, ଉପସଭାପତି ସନ୍ଧ୍ୟାରାଣୀ ସାହୁ, ସଦସ୍ୟା କୁନ୍ଦୁଦିନୀ ସାହୁ, ପୋଷାକ ବଣ୍ଟନ କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା କଲ୍ୟାଣୀ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ଧବଳେଶ୍ୱର ଦେହୁରୀ ପରିଚାଳନା କରିଥିଲା ବେଳେ ଶିକ୍ଷକ ପ୍ରଦୀପ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିମାନେ ପିଲାଙ୍କୁ ପୋଷାକ ବଣ୍ଟନ କରୁଛନ୍ତି।

# ଏଡ୍‌ସ ଦିବସ, ବିଜ୍ଞାନଭିତ୍ତିକ କାର୍ଯ୍ୟକ୍ରମ

**ଅନୁଗୋଳ,୨।୧୨(ଜ୍ୟୋତିରଞ୍ଜନ ସାହୁ)**




ଅନୁଗୋଳ ଚମ୍ପତିମୁଣ୍ଡାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ପାଳନ କରାଯିବା ସହ ଏକ ବିଜ୍ଞାନଭିତ୍ତିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ସିଦ୍ଧାର୍ଥ ଶଙ୍କର ବରାଳ ମୁଖ୍ୟ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଭୁବନେଶ୍ୱରସ୍ଥିତ ଖଣିଜ ଓ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନର ବରିଷ୍ଠ ବୈଜ୍ଞାନିକ ଡ. ଦେବୀ ପ୍ରାସାଦ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ଛାତ୍ର ସୌମ୍ୟ ରଞ୍ଜନ ସାହୁ ଓ ଛାତ୍ରୀ ପୂର୍ଣ୍ଣିମା ପଟ୍ଟନାୟକ ଏଡ୍‌ସ ରୋଗ, ରୋଗୀ ଓ ସେମାନଙ୍କ ପ୍ରତି ଥିବା ସାମାଜିକ ବାସନ୍ଦ ସମ୍ପର୍କରେ ମତ ରଖିଥିଲେ। ମୁଖ୍ୟ ଅତିଥି ଡ. ଦାସ ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞାନ ଓ ଏହାର ବିକାଶ ସମ୍ପର୍କରେ କହିବା ସହ ବିଜ୍ଞାନକୁ ଉପଯୋଗ କରି ଭାରତ କିପରି ଆଗାମୀ ଦଶନ୍ଧିରେ ସମଗ୍ର ବିଶ୍ୱର ନେତୃତ୍ୱ ନେଇପାରିବ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ଭାଗରେ ଛାତ୍ରୀଛାତ୍ରମାନେ ଡ. ଦାସଙ୍କ ସହ ଆଲୋଚନା କରିଥିଲେ। ଡ. ଦାସ ମଧ୍ୟ ପିଲାମାନଙ୍କୁ ବିଜ୍ଞାନ ଭିତ୍ତିକ ଉପକରଣମାନ ପ୍ରଦର୍ଶନ ପୂର୍ବକ ପିଲାମାନଙ୍କ ଜିଜ୍ଞାସାର ଉତ୍ତର ରଖିଥିଲେ। ଗ୍ରନ୍ଥାପାଳ ବିଭୁତି ରଞ୍ଜନ ମିଶ୍ର କାର୍ଯ୍ୟକ୍ରମଟ ପରିଚାଳନା କରିଥିଲେ। ବିଜ୍ଞାନ ଶିକ୍ଷକ ହିମାଂଶୁ ଶେଖର ବେହେରା, ଶିକ୍ଷୟିତ୍ରୀ ସୁନୀତା ରାଉଳ, ରେଖା ଯାଦବ, ପ୍ରିୟଦର୍ଶନୀ ରାଉତ, ଗାୟତ୍ରୀ ବାରିକ ଓ ରବିକାନ୍ତ କଟିୟାର ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଯାଦବେନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲ୍ୟ ବିବାହ ରୋକିଲେ ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ ହେବ

**ଛେଣ୍ଡିପଦା,୨।୧୨(ଅଜିତ୍ ଧଳ)**

ଅନୁଗୋଳ ଜିଲା ବିଶ୍ୱ ଯୁବକେନ୍ଦ୍ର ଆନୁକୂଲ୍ୟରେ ବାପୁଜୀ ମହାବିଦ୍ୟାଳୟ ପରିସରରେ ‘ବାଲ୍ୟ ବିବାହ ମୁକ୍ତ ଭାରତ’ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲା ନିଯୁକ୍ତି ନିୟୋଜନ ଅଧିକାରୀ ଦେବାଶିଷ ସାହୁ, ଛେଣ୍ଡିପଦା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୁଷମା ସେଠୀ, ସରକାରୀ ଓକିଲ ଲକ୍ଷ୍ମୀଧର ପ୍ରଧାନ, ବାଲ୍ୟ ବିବାହ ନିରୋଧ ଆଇନ ସଂଯୋଜକ ସନ୍ତୋଷ କୁମାର ବେହେରା ପ୍ରମୁଖ ଯୋଗଦେଇ ଶୁଭାରମ୍ଭ କରିବା ସହ ବାଲ୍ୟ ବିବାହ ରୋକିଲେ ମାତୃ ଓ ଶିଶୁ ମୃତ୍ୟୁହାର ରୋକିହେବ ବୋଲି କହିଥିଲେ। ବିଶ୍ୱ ଯୁବକେନ୍ଦ୍ର ସହ ସମ୍ପାଦକ କ୍ଷୀରେନ୍ଦ୍ର ମୋହନ ଦେହୁରୀ, ବାପୁଜୀ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲୋ

# ବ୍ଲକସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ


କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟନୀ ମଞ୍ଚରେ ଅତିଥିମାନେ।

**ପାଲଲହଡ଼ା,୨।୧୨ (ଦିବ୍ୟଜ୍ୟୋତି ଦାଶ)**

ପାଲଲହଡ଼ା ଷ୍ଟାଡିୟମଠାରେ ବ୍ଲକସ୍ତରୀୟ କୃଷି ଯନ୍ତ୍ରପାତି ମେଳା ସୋମବାର ଉଦ୍‌ଘାଟିତ ହୋଇଯାଇଛି। କୃଷି ବିଭାଗ ଦ୍ୱାରା ଆୟୋଜିତ ଏହି ୩ ଦିନିଆ ମେଳାକୁ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଉଦ୍‌ଘାଟନ କରିଥିଲେ। ତାଳଚେର କୃଷି ଜିଲା ଅଧିକାରୀ ଦିଲୀପ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ମହାନ୍ତି ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ଉପଜିଲାପାଳ ସୁଶାନ୍ତ କୁମାର ପତି, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଉଦୟ କୁମାର ଧର, ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ବିଶ୍ୱପ୍ରକାଶ ରାୟ,ସହକାରୀ କୃଷି ନିର୍ବାହୀ ଯନ୍ତ୍ରୀ ବ୍ରଜବନ୍ଧୁ ସ୍ୱାଇଁ, କୃଷି ବିପଣନ ସଂସ୍ଥା ଅନୁଗୋଳ ଜିଲା ପରିଚାଳକ ନାରାୟଣ ଚନ୍ଦ୍ର ସାହୁ ଏବଂ ଗୋଷ୍ଠୀ କୃଷି ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇଥିଲେ। କୃଷି ପ୍ରବଣ ଅଞ୍ଚଳ ପାଲଲହଡ଼ାର ସାମଗ୍ରିକ ଉନ୍ନତି ପାଇଁ କୃଷିର ସର୍ବାଙ୍ଗୀନ ଉନ୍ନତି ଏକାନ୍ତ ଆବଶ୍ୟକ ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ। ବିଭିନ୍ନ ବିଭାଗର ୩୫ ଗୋଟି ପ୍ରଦର୍ଶନୀ ମଣ୍ଡପରେ ବିଭିନ୍ନ କିସମର ଉନ୍ନତମାନର କୃଷି ଯନ୍ତ୍ରପାତି ପ୍ରଦର୍ଶନ ସାଙ୍ଗକୁ ଚାଷୀମାନଙ୍କୁ ସରକାରୀ ରିହାତି ଦରରେ ବିକ୍ରୟ ପାଇଁ ସଚେତନ କରାଯାଇଥିଲା। ସହକାରୀ କୃଷି ଅଧିକାରୀ ମାନସୀ ପ୍ରିୟଦର୍ଶିନୀ ଓ କୃଷି ଅଧିଦର୍ଶକ ପାଲଲହଡ଼ା ଫାର୍ମ ପ୍ରସନ୍ନ କୁମାର ସାହୁ, ସହକାରୀ କୃଷି ଯନ୍ତ୍ରୀ ସବିନୟ ବିଶ୍ୱାଳ, ବ୍ଲକ ବୈଷୟିକ ପରିଚାଳକ କୈଳାସ ଚନ୍ଦ୍ର ପ୍ରଧାନଙ୍କ ସମେତ ସମସ୍ତ କୃଷି ଅଧିଦର୍ଶକ ଓ ଗ୍ରାମସେବକ ସେବିକା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ୪୦୦ରୁ ଅଧିକ ଚାଷୀ ଯନ୍ତ୍ରପାତି କ୍ରୟ ପାଇଁ ନାମ ପଞ୍ଜୀକରଣ କରିଥିଲେ।

